# Akashvani, Sambalpur

## SAMBALPURI NEWS EVENING BULLETIN

## 22 September 2024- 7.02 pm- 7.12 pm.

*******************************************

୧- କେନ୍ଦୁଝର୍ ନ ୯ ଶହ ୮୭ କୋଟିନୁ ଅଏତ୍କା ଟଙ୍କା ବ୍ୟୟଥି ଭିନ୍ ଭିନ୍ ପ୍ରକଳ୍ପର୍ ଉଦ୍‌ଘାଟନ୍ ଆଉ ଶିଳାନ୍ୟାସ୍ କଲେ ମୁଖ୍ୟମନ୍ତ୍ରୀ ।

୨- ଭୁବ୍‌ନେଶ୍ୱର୍ ନ ଆଏବା କାଏଲ୍ ହେବା ମୁଖ୍ୟମନ୍ତ୍ରୀଙ୍କର୍ ଜନଅଭିଯୋଗ୍ ଶୁଣାଣି ।

୩- ଗଣ୍ଡା ମାନ୍‌କର୍ ସୁରକ୍ଷାର୍ ଲାଗି ସଚେତନତା ସୃଷ୍ଟି ଉଦ୍ଦେଶ୍ୟଥି ଆଏଜ୍ ପାଳିତ୍ ହେଉଛେ ବିଶ୍ୱ ଗଣ୍ଡା ଦିବସ୍ ।

ଆଉର୍

୪- ଘୂର୍ଣ୍ଣିବଳୟର୍ ପ୍ରଭାବ୍‌ଥି ଘଡ଼୍‌ଘଡ଼ି ସହେତେ ବର୍ଷା ହେବାର୍ ସମ୍ଭାବନା ଥିବାର୍‌ନୁ ରାଜ୍ୟର୍ ୧୭ ଟା ଜିଲ୍ଲାକେ ସତର୍କ ସୂଚ୍‌ନା ।

ମୁଖ୍ୟମନ୍ତ୍ରୀ- ଉଦ୍‌ଘାଟନ୍        ଆର୍‌ଏନ୍‌ୟୁ/ କଟକ୍

ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଆଏଜ୍ କେନ୍ଦୁଝର୍ ଜିଲ୍ଲା ନ ୯ ଶହ ୮୭ କୋଟି ୩୫ ଲାଖ୍ ଟଙ୍କା ଖର୍ଚ୍ଚାଥି ମୋଟ୍ ଶହେ ୫୮ ଟା ପ୍ରକଳ୍ପର୍ ଉଦ୍‌ଘାଟନ୍ ଆଉ ଶିଲାନ୍ୟାସ୍ କରିଛନ୍ । ରାଏଜେ ତାଙ୍କର୍ ନେତୃତ୍ୱଥି ନୂଆଁ ସର୍‌କାର୍‌ଙ୍କର୍ ଶହେ ଦିନ୍ ପୁରା ହେବାର୍ ଅବ୍‌ସରେ ମୁଖ୍ୟମନ୍ତ୍ରୀ ଜିଲ୍ଲାଥି ଧରଣୀଧର ବିଶ୍ୱବିଦ୍ୟାଲୟର୍ ଶୈକ୍ଷିକ କୋଠା, ସାହାର୍‌ପୁର୍ ନ ଓଡ଼ିଶା ଆଦର୍ଶ ବିଦ୍ୟାଲୟର୍ ଛାତ୍ରାବାସର୍ ଉଦ୍‌ଘାଟନ୍ କରିଛନ୍ । ଇତାର୍‌ସହେତେ ସଡ଼କ, ସେତୁ, ଜଲ୍‌ସେଚନ୍, କୃଷିର ଉନ୍ନତିର୍ ଲାଗି ଭିନ୍ ଭିନ୍ ପ୍ରକଳ୍ପର୍ ଶିଲାନ୍ୟାସ୍ କରିଛନ୍ । ଇ ଅବ୍‌ସରେ ମୁଖ୍ୟମନ୍ତ୍ରୀ କହିଛନ୍ ଯେ, ରାଏଜେ ଶିକ୍ଷାର୍ ବିକାଶ୍ ଲାଗି ଭିନ୍ ଭିନ୍ ପଦକ୍ଷେପ୍ ନିଆଯାଉଛେ । ଇ କ୍ରମଥି ରାଜ୍ୟର୍ ଫି' ଜାଗା ନ ଗୋଦବରିଶ ମିଶ୍ର ପ୍ରାଥମିକ ଆଦର୍ଶ ବିଦ୍ୟାଲୟ ଖୁଲାଯିବା । ସେନ୍ତା ନୂଆଁ ସର୍‌କାର୍ ଗଠନ୍ ହେବାର୍ ଉତ୍‌ରୁ ଭିନ୍ ଭିନ୍ ଗୁରୁତ୍ୱପୂର୍ଣ୍ଣ ନିଷ୍ପତି ନିଆଯାଇଛେ । ଓଡ଼ିଆ ଅସ୍ମିତା ଲାଗି ୨ ଶହ କୋଟି ଟଙ୍କା କର୍ପସ୍ ପାଣ୍ଠି ବ୍ୟବସ୍ଥା କରାଯାଇଛେ ବଲି ମୁଖ୍ୟମନ୍ତ୍ରୀ କହିଛନ୍ ।

(ଭଏସ୍ ଓଭର୍-୧- ମୁଖ୍ୟମନ୍ତ୍ରୀ)

ମୁଖ୍ୟମନ୍ତ୍ରୀ ଜନଶୁଣାଣି          ଆର୍‌ଏନ୍‌ୟୁ/ କଟକ୍

ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଆଏବା କାଏଲ୍ ଭୁବ୍‌ନେଶ୍ୱର୍‌ର ୫ ନମ୍ବର୍ ୟୁନିଟ୍ ନ ଥିବା ତାଙ୍କର୍ ସର୍‌କାରୀ ବାସଭବନ୍‌ଥି ଲୋକ୍‌ମାନ୍‌କର୍ ଭିନ୍ ଭିନ୍ ଅଭିଯୋଗ୍‌ର ଶୁଣାଣି କର୍‌ବେ । ଇ ବାବ୍‌ଦେ ଭୁବ୍‌ନେଶ୍ୱର୍ ଓ୍ୱାଟ୍‌କୋ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷ ନ ସାଧାରଣ୍ ପ୍ରଶାସନ୍ ଆଉ ସାଧାରଣ୍ ଅଭିଯୋଗ୍ ବିଭାଗ୍‌ର ଅଧିକାରୀମାନ୍‌କର୍ ଗୁଟେ ସମନ୍ୱୟ ବୈଠକ୍ ହେଇଯାଇଛେ । ବୈଠକ୍‌ଥି ଶୃଙ୍ଖଲିତ୍ ଭାବେ ଜନଶୁଣାଣି ବାବ୍‌ଦେ ଆଲୋଚନା ହେଇଥିଲା । ସୂଚ୍‌ନା ଅନ୍‌ସାରେ ଇଥିର୍‌ଲାଗି ଅନ୍‌ଲାଇନ୍ ଜରିଏ ଆଗୁଆ ପଞ୍ଜିକରଣ୍ ବ୍ୟବସ୍ଥା କରାଯାଇଛେ । ଆଏବା କାଏଲ୍ ମୁଖ୍ୟମନ୍ତ୍ରୀ ହଜାରେ ଝନ୍‌କର୍ ଅଭିଯୋଗ୍ ଶୁଣାଣି କର୍‌ବେ ବଲି ଜନାପଡ଼ିଛେ ।

ଶ୍ରୀମନ୍ଦିର- ରତ୍ନଭଣ୍ଡାର୍          ଆର୍‌ଏନ୍‌ୟୁ/ କଟକ୍

ଭାରତୀୟ ପ୍ରତ୍ନତାତ୍ତ୍ୱିକ ସର୍ବେକ୍ଷଣ୍ ସଂସ୍ଥା- ଏଏସ୍‌ଆଇ ତର୍‌ଫୁ ଆଏଜ୍ ୨ ନମ୍ବର୍ ଦିନେ ପୁରୀ ଶ୍ରୀମନ୍ଦିର୍ ରତ୍ନଭଣ୍ଡାର୍‌ର ବୈଷୟିକ ସର୍ବେକ୍ଷଣ୍ କାମ୍ ହେଇଛେ । ଗଲାକାଏଲ୍ ପହେଲା ଦିନର୍ ସର୍ବେକ୍ଷଣ୍ କାମ୍ ଶେଷ୍ ହେବାର୍ ଉତ୍‌ରୁ ଶ୍ରୀମନ୍ଦିର୍ ମୁଖ୍ୟ

ପ୍ରଶାସକ୍ ଅରବିନ୍ଦ ପାଢ଼ୀ କହିଛନ୍ ଯେ, ବୈଷୟିକ ସର୍ବେକ୍ଷଣ୍ କାମ୍ ପୁରା ନାଇଁ ହେଇ । ରାଜ୍ୟ ସର୍କାର୍ଙ୍କର୍ ମାର୍ଗଦର୍ଶୀକା ଅନ୍ସାରେ ସର୍ବେକ୍ଷଣ୍ କାମ୍ ହେଉଛେ । ଇଥିର୍ଲାଗି ଶ୍ରୀମନ୍ଦିର୍ର ନୀତିକାନ୍ତି ସ୍ୱାଭାବିକ୍ ଭାବେ ଚାଲିଥିବାର୍ ବେଲେ ସର୍ବେକ୍ଷଣ୍ ସମିଆଥି ଶ୍ରୀଜୀଉଙ୍କର୍ ସର୍ବସାଧାରଣ୍ ଦର୍ଶନ୍ ବନ୍ଦ୍ ରହୁଛେ । ଇନ ଜନେଇ ଦିଆଯାଇପାରେ ଯେ, ଗଲାକାଏଲ୍ ଏଏସ୍ଆଇ ଆଉ ବିଶେଷଜ୍ଞ ଟିମ୍ ପାଖାପାଖି ୪ ଘଂଟା ଧରିକରି ସର୍ବେକ୍ଷଣ୍ କାମ୍ କରିଥିଲେ ।

ସେଆଡ଼େ ଆଏବା ୨୪ ତାରିଖ୍ନୁ ଶ୍ରୀମନ୍ଦିର୍ ନ ଶାରଦୀୟ ଦୁର୍ଗାପୂଜା ଲାଗି ଷୋଡ଼ଷ ଉପଚାର୍ ପୂଜା ମୁଲ୍ ହେବା । ଇଥିର୍ଲାଗି ସ୍ୱତନ୍ତ୍ର ନୀତିକାନ୍ତି ହେବା ।

ଜିଲ୍ଲାପାଳ ସମ୍ମିଳନୀ ଆର୍ଏନ୍ୟୁ/ କଟକ୍

ଭୁବ୍ନେଶ୍ୱର୍ ଲୋକସେବା ଭବନ୍ ନ ଆଏବା ୨୭ ତାରିଖ୍ ଦିନ ଜିଲ୍ଲାପାଲ୍ମାନ୍କର୍ ସମ୍ମିଲନୀ ହେବା । ରାଏଜେ ନୂଆଁ ସର୍କାର୍ ଆସ୍ବାର୍ ଉତ୍ରୁ ପହେଲାଥର୍ ଲାଗି ଇ ସମ୍ମଲନୀ ହେବା । ଇଥି ୩୦ଟା ଜିଲ୍ଲାର୍ ଜିଲ୍ଲାପାଲ୍, ସବୁ ବିଭାଗ୍ର ପ୍ରମୁଖ ଶାସନ୍ ସଚିବ କମିଶନର୍ ଆଉ ଶାସନ୍ ସଚିବ ମାନେ ଯୋଗ୍ ଦେବେ । ଇତାର୍ସହେତେ ବିଭାଗ୍ମାନ୍କର୍ ସ୍ୱତନ୍ତ୍ର ଶାସନ୍ ସଚିବ, ଅତିରିକ୍ତ ଶାସନ୍

ସଚିବ ଆଉ ନିର୍ଦ୍ଦେଶକମାନେ ଭିଲ୍ ସାମିଲ୍ ହେବାର୍କେ କୁହାଯାଇଛେ । ଇଥି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଆଉ ଉପମୁଖ୍ୟମନ୍ତ୍ରୀ କନକ୍ ବର୍ଦ୍ଧନ୍ ସିଂହଦେଓ ଆର୍ ପ୍ରଭାତୀ ପରିଡ଼ା ଯୋଗ୍ ଦେବେ ବଲି ଜନାପଡ଼ିଛେ ।

ଭାରତୀୟ ଆଂଚଲିକ୍ ସମ୍ମିଲନୀ      ସୂଚନା ଲୋକସମ୍ପର୍କ ବିଭାଗ

ନୂଆଦିଲ୍ଲୀ ପାର୍ଲ୍ୟାମେଂଟ୍ ଠାନେ ଦଶମ ରାଜ୍ୟଗୋଷ୍ଠୀ ସଂସଦୀୟ ସଂଘ ଭାରତୀୟ ଆଂଚଲିକ୍ ସମ୍ମିଲନୀ ଅନୁଷ୍ଠିତ୍ ହେଉଛେ । ଲୋକ୍ସଭା ବାଚସ୍ପତି ଓମ୍ ବିର୍ଲାଙ୍କର୍ ଅଧ୍ୟକ୍ଷତାଥି ଆୟୋଜିତ ହେଉଥିବା ଇ କାର୍ଯ୍ୟକ୍ରମ୍ଥି ସବୁ ରାଜ୍ୟର୍ ବାଚସ୍ପତି, ଉପବାଚସ୍ପତି ଯୋଗ୍ ଦେଉଛନ୍ । ଇଥି ଓଡ଼ିଶା ବିଧାନ୍ସଭାର୍ ବାଚସ୍ପତି ସୁରମା ପାଢ଼ୀ ଉପବାଚସ୍ପତି ଭବାନୀ ଶଙ୍କର୍ ଭୋଇ, ବିଧାନ୍ସଭାର୍ ସଚିବ ଦାଶରଥୀ ଶତପଥୀ ପ୍ରମୁଖ ଯୋଗ୍ ଦଉଛନ୍ । ବାଚସ୍ପତି ତାଙ୍କର୍ ଦିଲ୍ଲୀ ଗସ୍ତ ସମିଆଥି ବିଶିଷ୍ଟ ଲୋକ୍ମାନ୍କୁ ଭେଟ୍ବାର୍ କାର୍ଯ୍ୟକ୍ରମ୍ ରହିଛେ ।

ଗଣ୍ଡା ଦିବସ୍          ଆର୍ଏନ୍ୟୁ/ କଟକ୍

ଗଣ୍ଡା ମାନ୍‌କର୍ ସୁରକ୍ଷାକେ ନେଇକରି ସଚେତନତା ସୃଷ୍ଟି କର୍‌ବାର୍ ଲାଗି ଆଏଜ୍ ବିଶ୍ୱ ଗଣ୍ଡା ଦିବସ୍ ପାଲିତ୍ ହେଉଛେ । ଇ ଅବ୍‌ସରେ ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ଗଣ୍ଡା ମାନ୍‌କର୍ ସୁରକ୍ଷା ବାବ୍‌ଦେ ଭାରତ୍‌ର ପ୍ରତିବଦ୍ଧତାକେ ଦୁହୁରେଇଛନ୍ । ଗୁଟେ ସାମାଜିକ୍ ଗଣମାଧ୍ୟମ୍ ପୋଷ୍ଟ୍ ଜରିଏ ଶ୍ରୀ ମୋଦୀ ବହୁତ୍ ବରସ୍ ହେଲା ଗଣ୍ଡା ସଂରକ୍ଷଣ ଆଉ ରକ୍ଷଣାବେକ୍ଷଣ୍ ଲାଗି ନିଯୁକ୍ତ ସବୁ କର୍ମଚାରୀମାନ୍‌କୁ ଅଭିନନ୍ଦନ୍ ଜନେଇଛନ୍ । ଭାରତ୍ ହେଉଛେ ଏକ୍ ଶିଙ୍ଘିଆ ଗଣ୍ଡାର ଆବାସ ସ୍ଥଲ୍, ଯେନ୍‌ଟାକି ଗର୍ବର୍ ବିଷୟ ବଲି ସେ କହିଛନ୍ । ଆଘୋନୁ ଆସାମ୍ ଗସ୍ତ ଅବ୍‌ସରେ କାଜିରଙ୍ଗା ଜାତୀୟ ଉଦ୍ୟାନ ଯିବାର୍‌କେ ମନେ ପକେଇକରି ଶ୍ରୀ ମୋଦୀ ଲୋକ୍‌ମାନ୍‌କୁ ସେନ୍‌କେ ବୁଲି ଯିବାର୍‌କେ ପରାମର୍ଶ ଦେଇଛନ୍ ।

ଏମ୍ସ-ବାର୍ଷିକ ଉତ୍ସବ ଆର୍‌ଏନ୍‌ୟୁ/ କଟକ୍

ଭୁବ୍‌ନେଶ୍ୱର୍ ଅଖିଳ ଭାରତୀୟ ଆୟୁର୍ବିଜ୍ଞାନ୍ ସଂସ୍ଥାନ୍- ଏମ୍ସର ୧୨ ନମ୍ବର୍ ବାର୍ଷିକ ଉତ୍ସବ୍ ଆଏଜ୍ ପାଲିତ୍ ହେଇଯାଇଛେ । ଉପମୁଖ୍ୟମନ୍ତ୍ରୀ କନକ୍ ବର୍ଦ୍ଧନ୍ ସିଂହଦେଓ ଇଥି ଯୋଗ୍ ଦେଇକରି କହିଛନ୍ ଯେ, ଏମ୍ସକେ ଆହୁରି ଅଏତ୍‌କା ଗତିଶୀଳ ଆଉ କ୍ରିୟାଶୀଳ କର୍‌ବାର୍ ଲାଗି ସର୍‌କାର୍ ସବୁ ରକ୍‌ମର୍ ସାହାଜ୍ ଦେବାର୍ ଲାଗି ପ୍ରତିଶ୍ରୁତିବଦ୍ଧ । ରାଜ୍ୟ

ଆଉ ରାଜ୍ୟ ବାହାରୁ ସବୁ ଦିନ ଚିକିତ୍ସା ଲାଗି ଆସୁଥିବା ହଜାର୍ ହଜାର୍ ରୋଗୀଙ୍କର୍ ସଂଖ୍ୟା ଇ ଅନୁଷ୍ଠାନ୍‌ର ସଫଲତାକେ ପ୍ରତିପାଦନ୍ କରୁଛେ ବଲି ଉପମୁଖ୍ୟମନ୍ତ୍ରୀ କହିଛନ୍ । ସ୍ୱାସ୍ଥ୍ୟସେବାଥି ନବସୃଜନ ଆନ୍‌ବାର୍ ଆଉ ଚିକିତ୍ସା ବିଜ୍ଞାନ୍ ସହେତେ ପ୍ରଯୁକ୍ତି ବିଦ୍ୟାର୍ ସାମିଲ୍ ଲାଗି ଏମ୍ସ ସବୁବେଲେ ଉଦ୍ୟମ୍ କରୁଛେ ବଲି ଇତାର୍ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଡାକ୍ତର୍ ଆଶୁତୋଷ୍ ବିଶ୍ୱାସ୍ କହିଛନ୍ । ଇନ ଜନେଇ ଦିଆଯାଇପାରେ ଯେ, ଗଲା ବଛ୍‌ରେ ଭିତ୍‌ରେ ଏମ୍ସଥି ୧୦ ଲାଖ୍‌ନୁ ଅଏତ୍‌କା ରୋଗୀ ଚିକିତ୍ସିତ୍ ହେଇଛନ୍ ।

ଡାଇରୀ ପ୍ଲାଂଟ୍ ସୁବର୍ଣ୍ଣପୁର୍ ସମ୍ବାଦଦାତା

ସୁବର୍ଣ୍ଣପୁର୍ ଜିଲ୍ଲାର୍ କଲାପଥର୍ ନ ଆଏଜ୍ ଗୁଟେ ନୂଆଁ ଡାଇରୀ ପ୍ଲାଂଟ୍‌କେ ରାଜ୍ୟ ମତ୍ସ୍ୟ ଆଉ ପ୍ରାଣୀ ସମ୍ପଦ୍ ବିଭାଗ୍ ମନ୍ତ୍ରୀ ଗୋକୁଲାନନ୍ଦ ମଲ୍ଲିକ୍ ଉଦ୍‌ଘାଟନ୍ କରିଛନ୍ । ୧୪ କୋଟି ୬୩ ଲାଖ୍ ଟଙ୍କା ଖର୍ଚ୍ଚାଥି ତିଆରି ହେଇଥିବା ଇ ଡାଇରୀ ପ୍ଲାଂଟ୍‌ଥି ଫି ଦିନ ୫୦ ହଜାର୍ ଲିଟର୍ ଗୁରସ୍‌ର ପ୍ରକ୍ରିୟାକରଣ୍ କରାଯାଇପାର୍‌ବା । ସୁବର୍ଣ୍ଣପୁର୍ ସହେତେ ବୌଦ୍ଧ ଆର୍ ଫୁଲ୍‌ବାଣୀ ଜିଲ୍ଲାର୍ ଦୁଗ୍ଧ ଚାଷୀଙ୍କର୍ ଗୁରସ୍‌କେ ସଂଗ୍ରହ କରାଯାଇକରି ଶୀତଳୀକରଣ୍ କରାଯିବାର୍ ସହେତେ ପେକେଟ୍ କ୍ଷୀର, ଦହି, ପନୀର୍, ଘିଅ, ଲସି,

ଖୁଆ ଆଉ ଅଲ୍‌ଗା ଜିନିଷ୍ ତିଆରି କରାଯିବା । ଇଥିର୍‌ଲାଗି ଇ ତିନ୍‌ହି ଜିଲ୍ଲାର୍ ଖାଉଟି ମାନେ ଓମ୍‌ଫେଡ୍‌ର ଖାଏବାର୍ ଜିନିଷ୍ ଶସ୍ତା ଦାମ୍‌ଥି ପାଇପାର୍‌ବେ । ଓମ୍‌ଫେଡ୍‌ର ପରିଚାଳନା ନିର୍ଦ୍ଦେଶକ ବିଜୟ ଅମୃତ କୁଲାଙ୍ଗେଙ୍କର୍ ଅଧ୍ୟକ୍ଷତାଥି ହେଇଥିବା ଉଦ୍‌ଘାଟନୀ ସଭାଥି ସାଂସଦ୍ ସଂଗୀତା କୁମାରୀ ସିଂହଦେଓ ବିଧାନ୍‌ସଭା ମୁଖ୍ୟ ସଚେତକ ଆଉ ବୌଦ୍ଧ ବିଧାୟକ୍ ସରୋଜ୍ ପ୍ରଧାନ୍, ବୀର୍‌ମହାରାଜ୍‌ପୁର୍ ବିଧାୟକ୍ ରଘୁନାଥ ଜଗ୍‌ଦଲା ପ୍ରମୁଖ ଯୋଗ୍ ଦେଇଥିଲେ । ଇ ଅବ୍‌ସରେ ଜିଲ୍ଲାର୍ କେତେଟା ଦୁଗ୍ଧ ଚାଷୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା ।

ବିକାଶ୍‌ମେଳା        ବର୍‌ଗଡ୍ ସମ୍ବାଦଦାତା

ରାଏଜେ ବିଜେପି ସର୍‌କାର୍ ଶହେ ଦିନ୍ ପୂର୍ତି ଅବ୍‌ସରେ ବର୍‌ଗଡ୍ ଜର୍ଜ ହାଇସ୍କୁଲ୍ ପଡ଼ିଆ ନ ଜିଲ୍ଲାସ୍ତରୀୟ ବିକାଶ୍‌ମେଳା ମୁଲ୍ ହେଇଛେ । ଆଇନ୍, ଅବକାରୀ ଆଉ ପୂର୍ତମନ୍ତ୍ରୀ ପୃଥ୍ୱୀରାଜ୍ ହରିଚନ୍ଦନ୍ ମେଳାକେ ଉଦ୍‌ଘାଟନ୍ କରିଛନ୍ । ଇଥି ଉଦ୍‌ବୋଧନ୍ ଦେଇକରି ମନ୍ତ୍ରୀ ଶ୍ରୀ ହରିଚନ୍ଦନ୍ କହିଛନ୍ ଯେ, ୨୦୩୬ ମସିହାତକ୍ ଓଡ଼ିଶାକେ ଗୁଟେ ଆଗୁଆ ରାଜ୍ୟ କର୍‌ବାର୍‌କେ ସର୍‌କାର୍ ପଦକ୍ଷେପ୍ ନେବେ । ଇ ମେଳାଥି ବର୍‌ଗଡ୍ ସାଂସଦ୍ ପ୍ରଦୀପ୍ ପୁରୋହିତ, ବର୍‌ଗଡ୍ ବିଧାୟକ୍ ଅଶ୍ୱିନୀ ଷଡ଼ଙ୍ଗୀ,

ଅତାବିରା ବିଧାୟକ୍ ନିହାର୍ ମହାନନ୍ଦ, ଭଟ୍ଲି ବିଧାୟକ୍ ଇରାସିସ୍ ଆଚାର୍ଯ୍ୟ, ବିଜେପୁର୍ ବିଧାୟକ୍ ସନତ୍ ଗଡ଼୍ତିଆ, ଜିଲ୍ଲାପାଲ୍ ଆଦିତ୍ୟ ଗୋୟେଲ୍, ଏସ୍.ପି. ପ୍ରହ୍ଲାଦ୍ ସହାୟ ମୀନା ଉପସ୍ଥିତ୍ ଥିଲେ ।

ଇ ଅବ୍ସରେ ଜିଲ୍ଲାର୍ ସଫଲ୍ ଚାଷୀ, ବୁଣାକାର୍, ସୁଭଦ୍ରା ଯୋଜ୍ନାର୍ ହିତାଧିକାରୀ ଆର୍ ଇ ଅବ୍ସରେ ହେଇଥିବାର୍ ପ୍ରତିଯୋଗିତାର୍ କୃତି ପ୍ରତିଯୋଗୀମାନ୍କୁ ସମ୍ମାନିତ୍ କରାଯାଇଥିଲା ।

ସ୍ୱଚ୍ଛତା ହିଁ ସେବା ନୂଆପଡ଼ା ସମ୍ବାଦଦାତା

ନୂଆପଡ଼ା ଜିଲ୍ଲା ଖଡ଼ିଆଲ୍ କେନ୍ଦ୍ରୀୟ ବିଦ୍ୟାଳୟ ଠାନେ ସ୍ୱଚ୍ଛତା ହିଁ ସେବା ପାଲିତ୍ ହେଇଯାଇଛେ । ଇ ଅବ୍ସରେ ସେଠାନେ ସଫେଇ କାର୍ଯ୍ୟକ୍ରମ୍ ହେଇଥିଲା । ଇଥି ବିଦ୍ୟାଳୟର୍ ଅଧ୍ୟକ୍ଷ, ଶିକ୍ଷକ୍, ଛାତ୍ରଛାତ୍ରୀମାନେ ଯୋଗ୍ ଦେଇକରି ନିଜର୍ କର୍ମସଂସ୍ଥା ଆଉ ଘରେ ସଫେଇ ଲାଗି ସମୟ ଦେବାର୍କେ ସଂକଳ୍ପ ନେଇଥିଲେ । କେନ୍ଦ୍ରୀୟ ବିଦ୍ୟାଳୟର୍ ଅଧ୍ୟକ୍ଷ ସଞ୍ଜିବ କୁମାର୍ ସାହୁ ସ୍ୱଚ୍ଛତା ବାବ୍ଦେ ସମସ୍ତଙ୍କୁ ଶପଥ୍ ପାଠ କରେଇଥିଲେ । ସେନ୍ତା ଖଡ଼ିଆଲ୍ ଡିଗ୍ରୀ ମହାବିଦ୍ୟାଳୟ ନ ପାଲିତ୍ ହେଇଥିବା ସ୍ୱଚ୍ଛତା ପକ୍ଷ ଅବ୍ସରେ ଛାତ୍ରୀମାନେ କଲେଜ୍

ପରିସର୍‌କେ ସଫା କରିଥିଲେ । ମହାବିଦ୍ୟାଳୟ ଅଧକ୍ଷ ଲିଜା ଆଚାର୍ଯ୍ୟ ସମସ୍ତଙ୍କୁ ସ୍ୱଚ୍ଛତା ପାଠ କରେଇଥିଲେ ।

ସେଆଡ଼େ ବଲାଙ୍ଗିର୍ ମ୍ୟୁନିସିପାଲ୍‌ଟି ଆଉ ସିଆର୍‌ପିଏଫ୍ ତର୍‌ଫୁ ବସ୍ ଟର୍ମିନାଲ୍ ନ ଗୁଟେ ସଫେଇ କାର୍ଯ୍ୟକ୍ରମ୍ ହେଇଥିଲା । ଇଥି ସିଆର୍‌ପିଏଫ୍ କମାଣ୍ଡେଂଟ୍ ଆଉ ମହାନଗର୍ ନିଗମ୍‌ର ବହୁତ୍‌ଟେ ଅଧିକାରୀ ଯୋଗ୍ ଦେଇକରି ଟର୍ମିନାଲ୍ ପରିସର୍‌କେ ସଫା କରିଥିଲେ । ଇ ସଫେଇ ସଚେତନତା କାର୍ଯ୍ୟକ୍ରମ୍ ଆଏବା ମାସ ୨ ତାରିଖ୍‌ତକ୍ ଜିଲ୍ଲାର୍ ଭିନ୍ ଭିନ୍ ସହରେ ଚାଲ୍‌ବା ବଲି ପୌର ପରିଷଦ୍‌ର ଅଧକ୍ଷା କହିଛନ୍ ।

ହାତୀ- ଫସଲ୍ ନୁକ୍‌ସାନ୍ ବୌଦ୍ଧ ସମ୍ବାଦଦାତା

ବୌଦ୍ଧ ବ୍ଲକ୍‌ର ବଘିଆପଡ଼ା ଗ୍ରାମ୍‌ପଂଚାୟତ୍ ରେଙ୍ଗାଲି ଗାଁ ନ ଦଲେ ହାତୀ ଆସିକରି ଧାନ୍ ଆଉ ମଡ଼ିଆ ଚାଷ୍‌ର ନୁକ୍‌ସାନ୍ କରିଛନ୍ । ଗଲା ୨ ଦିନ୍ ହେଲା ଇ ହାତୀ ଦଲ୍ ଜଙ୍ଗଲ୍‌ନୁ ରାତି ବାହାରିକରି ଚାଷୀମାନ୍‌କର୍ ଫସଲ୍ ନୁକ୍‌ସାନ୍ କରୁଛନ୍ । ଚାଷ୍‌କେ ରକ୍ଷା କର୍‌ବାର୍ ଲାଗି ଚାଷୀମାନେ ଜଙ୍ଗଲ୍ ବିଭାଗ୍ ଠାନେ ଦାବି କରିଛନ୍ ।

ପାଣିପାଗ ଆର୍‌ଏନ୍‌ୟୁ/ କଟକ୍

ପଶ୍ଚିମ କେନ୍ଦ୍ରୀୟ ବଙ୍ଗୋପ୍‌ସାଗର୍ ନ ଘୂର୍ଣ୍ଣିବଳୟ ସୃଷ୍ଟି ହେଇଛେ । ଇଟା ପଶ୍ଚିମ ଉତର୍ ପଶ୍ଚିମ୍ ଦିଗ୍‌କେ ଗତି କରୁଛେ । ଘୂର୍ଣ୍ଣିବଳୟ ଅଏତ୍‌କା ଘନୀଭୂତ ହେଇକରି ଆଏବା ୨୪ ଘଂଟା ଭିତ୍‌ରେ ଲଘୁଚାପ୍‌ଥି ପରିଣତ୍ ହେବାର୍ ସମ୍ଭାବନା ରହିଛେ । ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ କେନ୍ଦ୍ରର୍ ସୂଚ୍‌ନା ଅନ୍‌ସାରେ ଇତାର୍ ପ୍ରଭାବ୍‌ଥି ରାଏଜେ ଅଏତ୍‌କା ବର୍ଷା ହେବା । ଆଏବା ୨୪ ଘଂଟା ଭିତ୍‌ରେ ଘଡ଼୍‌ଘଡ଼ି ସହେତେ ବର୍ଷା ହେବାର୍ ସମ୍ଭାବନା ଥିବାର୍‌ନୁ ୧୭ ଟା ଜିଲ୍ଲାକେ ସତର୍କ ସୂଚ୍‌ନା ଜାରି କରାଯାଇଛେ ।

କଳାହାଣ୍ଡି ଜିଲ୍ଲା ପରିଷଦ୍ ବୈଠକ  ଆର୍‌ଏନ୍‌ୟୁ / ସମ୍ବଲପୁର

କଳାହାଣ୍ଡି ଜିଲ୍ଲା ପରିଷଦ୍‌ର ୬ ନମ୍ବର୍ ବୈଠକ୍ ଅନୁଷ୍ଠିତ୍ ହେଇଯାଇଛେ । ପରିଷଦ୍‌ର ଅଧ୍ୟକ୍ଷ ପୁଷ୍ପେନ୍ଦ୍ର ସିଂହଦେଓଙ୍କର୍ ଅଧ୍ୟକ୍ଷତାଥି ହେଇଥିବା ଇ ବୈଠକ୍‌ଥି ଜିଲ୍ଲାର୍ ସର୍ବାଙ୍ଗୀନ ଉନ୍ନତି, ବିକାଶ୍ କ୍ଷେତ୍ର ନ ଜନସହଯୋଗ୍, ଉନ୍ନୟନ୍ କାମ୍‌କେ ତୁର୍‌ତି କର୍‌ବାର୍ ଆଉ ଧାରିଜ୍ ସମିଆ ଭିତ୍‌ରେ ପ୍ରକଳ୍ପ ମାନ୍‌କୁ ପୁରା କର୍‌ବାର୍ ଉପ୍‌ରେ ଜୋର୍ ଦିଆଯାଇଥିଲା ।